# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୧୨୨୯୫ ତା ୦୨-୩-୨୬ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା୨୫.୦୨.୨୦୨୬ ରିଖ ସ୍ୱତନ୍ତ୍ର କର୍ପୋରେସନ ବୈଠକ (ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଅନୁମୋଦନ ସମ୍ପର୍କରେ) ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା୨୫.୦୨.୨୦୨୬ ରିଖ ସ୍ୱତନ୍ତ୍ର କର୍ପୋରେସନ ବୈଠକ (ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଅନୁମୋଦନ ସମ୍ପର୍କରେ) ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

**ସଂଲଗ୍ନକ- ଉପରବର୍ଣ୍ଣିତ ମତେ,**

ଜ୍ଞାପକ ସଂଖ୍ୟା- ୧୨୨୯୬/ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେ଼ପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୨୯୭/ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୨୯୮/ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି.(ପାର୍କିଙ୍ଗ୍)/ ଡ଼ି.ସି.(ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସ୍ୱତନ୍ତ୍ର ବୈଠକ ବିବରଣୀ

**ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ଚିଠା ବଜେଟ୍ ଅନୁମୋଦନ**

ତା.୨୫.୦୨.୨୦୨୬ ରିଖ ✸ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✸ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡ଼େପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୬. | ମିନୁଶ୍ରୀ ଖୁଂଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. | ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୨. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୩. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୪. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୭. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୮. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୦. | ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୨୧. | କିରଣବାଳା ମାଝୀ | ୱାର୍ଡ଼ ନଂ-୨୩ |
| ୨୨. | ଦୀପକ କୁମାର ମିଶ୍ର | ୱାର୍ଡ଼ ନଂ-୨୪ |
| ୨୩. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୪. | ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୫. | ଝରଣାରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୬. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୭. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୨୮. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୨୯. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୦. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୧. | ଅଲିଅଲି ମଲ୍ଲିକ୍ | ୱାର୍ଡ଼ ନଂ-୩୬ |
| ୩୨. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୩. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୪. | ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୫. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୩୬. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୩୭. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୩୮. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୩୯. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୦. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୧. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୨. | ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୩. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୪. | ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୪୫. | ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୪୬. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୭. | ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୪୮. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୪୯. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୦. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୧. | ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୨. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୩. | ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୪. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୫. | ଗିରୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୬. | ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୭. | ସକିବା ମୁଶରତ | ୱାର୍ଡ଼ ନଂ-୬୪ |
| ୫୮. | ଛବି ଦାଶ | ୱାର୍ଡ଼ ନଂ-୬୬ |

ଅଦ୍ୟ ତା ୨୫.୦୨.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ BMC- ICOMC ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମର ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ଆଲୋଚନା ଓ ଅନୁମୋଦନ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କମିଶନର, ଅତିରିକ୍ତ କମିଶନର, କର୍ପୋରେଟର, ଅନ୍ୟାନ୍ୟ ଅଧିକାରୀ ଓ ଗଣମାଧମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ '**ବନ୍ଦେ ଉତ୍କଳ ଜନନୀ**' ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ସଭାପତି ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆୟ-ବ୍ୟୟ ଅଟକଳ ନିଗମର ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଚେୟାର୍‌ପର୍‌ସନ୍, ସଭ୍ୟ/ସଭ୍ୟା ଏବଂ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାର୍‌ପର୍‌ସନ୍, ସଭ୍ୟ/ସଭ୍ୟା, ମୁଖ୍ୟ ବିତ ଅଧିକାରୀ, ଅତିରିକ୍ତ କମିଶନର, କମିଶନରଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱର ଜନସାଧାରଣଙ୍କୁ ଉତମ ସେବା ଯୋଗାଇଦେବା ନିମନ୍ତେ ସହରର ଉନ୍‌ନତିକରଣ କାର୍ଯ୍ୟ, ରାସ୍ତାଲୋକ ଓ ସହରକୁ ସ୍ୱଚ୍ଛ, ସରସ ସୁନ୍ଦର, ସବୁଜିମା କରିବା ପାଇଁ ବ୍ୟବସ୍ଥା କରାଯିବା ସହିତ ଏଥିରେ ନୂଆ ନୂଆ ପ୍ରକଳ୍ପ, ନୂତନ ଦିଗକୁ ଦୃଷ୍ଟିରେ ରଖି ୧୦୩୦ (ଏକ ହଜାର ତିରିଶ) କୋଟିରୁ ଅଧିକ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇ ଆହୁରି ବଳକା ବ୍ୟବସ୍ଥା କରାଯାଇ ଏକ ବଳକା ବଜେଟ୍ ପ୍ରସ୍ତୁତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ବଜେଟ୍ ବିଷୟରେ ଗୃହକୁ ଅବଗତ କରାଇବା ପାଇଁ ଫାଇନାନ୍ସ କମିଟିର ଚେୟାର୍‌ମ୍ୟାନ୍ ଙ୍କୁ ଅନୁରୋଧ କରିଥିଲେ ।

ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିଙ୍କ ତା ୧୭.୦୧.୨୦୨୬ ରିଖ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୧ ର ସୁପାରିଶ କ୍ରମେ ଭୁବନେଶ୍ୱର ମହାନଗର ନିଗମର ତା ୨୮.୦୧.୨୦୨୬ ରିଖରେ କର୍ପୋରେସନର ଏକ ସ୍ୱତନ୍ତ୍ର ବୈଠକରେ ଉପସ୍ଥାପନ କରାଯାଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଅନୁମୋଦନ ସଂକ୍ରାନ୍ତରେ ସଭାପତିଙ୍କ ଅନୁମତି କ୍ରମେ, ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍ ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ନୂତନ କର୍ପୋରେସନ ଆସିବା ପରେ ଭୁବନେଶ୍ୱର ମହାନଗର ନିଗମର ଚତୁର୍ଥ ବଜେଟ୍ ନିମନ୍ତେ ମୋତେ ଦ୍ୱିତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିବା ନିମନ୍ତେ ସୁଯୋଗ ଦେଇଥିବାରୁ ମାନନୀୟା ମେୟର/ ଡ଼େପୁଟି ମେୟର, ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାର୍‌ପର୍‌ସନ୍, କମିଟିର ସଭ୍ୟ/ସଭ୍ୟା, କର୍ପୋରେଟର, କମିଶନର, ଅତିରିକ୍ତ କମିଶନର, ବିତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ବଜେଟ୍ ଉପରେ ସମ୍ୟକ୍ ସୂଚନା ଦେବା ସହିତ ନିଗମର ଏହି ବଜେଟ୍‌ରେ ୧୦୩୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ବ୍ୟବସ୍ଥା କରାଯାଇ ୧୩୪୭ କୋଟିରୁ ଅଧିକ ଟଙ୍କାର ବଜେଟ୍ କରାଯାଇ ଏକ ବଳକା ବଜେଟ୍ ପ୍ରସ୍ତୁତ ହୋଇଅଛି । ଏହା ଆମ ସହରର ଉନ୍ନତି ପାଇଁ ଏକ ସମଗ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଅଛି । ଆମେ ସମସ୍ତେ ମିଶି ଏହି ଯୋଜନାକୁ ସଫଳ ଭାବେ କାର୍ଯ୍ୟ କରିପାରିଲେ ଆମ ସହର ଆହୁରି ଉନ୍ନତ ଓ ଆଦର୍ଶ ସହର ଭାବେ ପରିଚିତ ହେବ । ଆପଣ ମାନଙ୍କର-ତଥା- ଅନ୍ୟାନ୍ୟ ମତାମତ ଓ ବିଭିନ୍ନ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଗତ ତା ୨୮.୦୧.୨୦୨୬ ରିଖରେ ଉପସ୍ଥାପିତ ହୋଇଥିବା ଚିଠା ବଜେଟ୍‌ରେ କେତେକ ହେଡ୍‌ରେ ପରିବର୍ତନ କରାଯାଇ ତା'ର ଏକକିତା ଲେଖାଏଁ କପି ଆପଣଙ୍କ ଅବଗତି ନିମନ୍ତେ ଦିଆଯାଇଅଛି । ଆପଣମାନେ ଏହାକୁ ଦେଖି ଆଲୋଚନା କରିବା ପାଇଁ ଅନୁରୋଧ କରୁଅଛି ଏବଂ ଆପଣ ମାନଙ୍କ ଅନୁମୋଦନ ହେଲାପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ।

ବଜେଟ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା । ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର ଓ ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ଏହି ବଜେଟରେ ସବୁ ଦିଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବାରୁ ଏହା ଏକ ବଳକା ପ୍ରଗତିଶୀଳ ବଜେଟ୍ ଅଟେ । ଏଥିରେ ଭୁବନେଶ୍ୱରର ଉନ୍ନତି, ସୌନ୍ଦର୍ଯ୍ୟକରଣ ପାଇଁ ଓ ଅନ୍ୟାନ୍ୟ ଦିଗକୁ ଦୃଷ୍ଟିରେ ରଖି ୧୦୩୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ବ୍ୟବସ୍ଥା କରାଯାଇ ବଳକା ବଜେଟ୍ ପ୍ରସ୍ତୁତ କରାଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଆଲୋଚନାରେ ସର୍ବ ଶ୍ରୀମତୀ/ଶ୍ରୀ ଶ୍ରୀଧର ବେହେରା, ଅମରେଶ ଜେନା, ପ୍ରୀତିନନ୍ଦା ରାଉତରାୟ, ଭାରତୀ ସିଂ, ମହାମାୟା ସ୍ୱାଇଁ, ରାମଚନ୍ଦ୍ର ରଣସିଂହ, ଭରତ କୁମାର ଲେଙ୍କା, ରଞ୍ଜୁଲତା ରାୟ, ମୋନାଲିସା ସାହୁ, ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା, ଶୁଭାଂଶୁ ଶେଖର ପଟ୍ଟନାୟକ, ଯଶୋଧାରା ପ୍ରଧାନ, ପୁଷ୍ପାଞ୍ଜଳୀ ସେଠୀ ପ୍ରମୁଖ କର୍ପୋରେଟରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନିଗମର ମୁଖ୍ୟ ବିତ ଅଧିକାରୀ ଆବଶ୍ୟକ ମତେ ସ୍ପଷ୍ଟିକରଣ ଦେବା ସଙ୍ଗେ ସଙ୍ଗେ ବଜେଟ୍‌ର ଆଭିମୁଖ୍ୟ ସମ୍ବନ୍ଧରେ ଗୃହକୁ ଅବଗତ କରାଇଥିଲେ ।

ନିଗମର ୨୦୨୬-୨୭ ଆର୍ଥିକ ବର୍ଷ ଆରମ୍ଭର ହାତଜମା (Opening Balance) ଟ୨୯୬,୪୯,୦୦,୦୦୦/-(ଦୁଇ ଶହ ଛୟାନବେ କୋଟି ଅଣଚାଶ ଲକ୍ଷ ଟଙ୍କା) ମାତ୍ର ସହିତ ନିଗମର ବିଭିନ୍ନ ସୂତ୍ରରୁ ଆୟ ବାବଦରେ ଟ ୧୦୫୦,୬୨,୦୦,୦୦୦/- (ଏକ ହଜାର ପଚାଶ କୋଟି ବାଷଠି ଲକ୍ଷ ଟଙ୍କା) ମାତ୍ର ଏପରି ମୋଟ ଟ ୧୩୪୭,୧୧,୦୦,୦୦୦/- (ତେର ଶହ ଶତଚାଳିଶ କୋଟି ଏଗାର ଲକ୍ଷ ଟଙ୍କା) ମାତ୍ର ଏବଂ ବ୍ୟୟ ବାବଦରେ ଟ ୧୦୩୦,୬୫,୦୦,୦୦୦/- (ଏକ ହଜାର ତିରିଶ କୋଟି ପଂଚଷଠି ଲକ୍ଷ ଟଙ୍କା) ମାତ୍ର ବ୍ୟବସ୍ଥା କରାଯାଇ ବର୍ଷ ଶେଷରେ ଟ ୩,୧୬,୪୬,୦୦,୦୦୦/- (ତିନି ଶହ ଷୋହଳ କୋଟି ଛୟାଳିଶି ଲକ୍ଷ ଟଙ୍କା) ମାତ୍ର ବଳକା (Closing Balance) ରହିବ ବୋଲି ବ୍ୟବସ୍ଥା ଥାଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମର ପୂର୍ଣ୍ଣାଙ୍ଗ ବଜେଟ୍ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ/ ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ଘ.୧୧.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୫.୦୨.୨୦୨୬ ରିଖ